# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ୨୦୨୪-୨୫

## ଢେଙ୍କାନାଳ

**ତା.୧୯.୦୪.୨୦୨୫ ରିଖ ଶନିବାର, ସମୟ : ସକାଳ ୮ ଘଟିକାଠାରୁ ଦିବା ୧ ଘଟିକା**

**ସ୍ଥାନ : ସାରଙ୍ଗଧର ଷ୍ଟାଡ଼ିୟମ, କାମାକ୍ଷାନଗର**

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଆସନ୍ତା ତା.୧୯.୦୪.୨୦୨୫ ରିଖ ଶନିବାର ଦିନ ସାରଙ୍ଗଧର ଷ୍ଟାଡ଼ିୟମ, କାମାକ୍ଷାନଗରଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି।

ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ସହରାଞ୍ଚଳର ନିଯୁକ୍ତି ଆଶାୟୀ ଯୁବକ ଓ ଯୁବତୀମାନେ ଅଂଶ ଗ୍ରହଣ କରିପାରିବେ। ଉକ୍ତ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ପାଶ୍ ଠାରୁ ୧୦ମ, +୨, +୩, ଆଇ.ଟି.ଆଇ(ITI), ଡିପ୍ଲୋମା(Diploma), ଏଏନ୍ଏମ(ANM), ଜିଏନ୍ଏମ୍(GNM), ବିଟେକ୍(B.Tech) ପାଶ୍ ଓ ବୟସ ସୀମା ୧୫ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଦରକାର।

ଏଣୁ ଇଚ୍ଛୁକ ଯୁବକ ଓ ଯୁବତୀ ମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାରକାର୍ଡ ସହିତ ସକାଳ ୮ ଘଟିକାରୁ ଦିବା ୧ ଘଟିକା ମଧ୍ୟରେ ଉକ୍ତ ମେଳାରେ ଯୋଗଦେଇ ନିଜ ନାମ ପଞ୍ଜିକୃତ କରାଇ ବେସରକାରୀ ସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ। ଉକ୍ତ ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ **୩୦**ରୁ ଉର୍ଦ୍ଧ୍ୱ ନିଯୁକ୍ତିଦାତା ସଂସ୍ଥା, ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଓ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ସୁତରାଂ, ଜିଲ୍ଲା ପ୍ରଶାସନ, ଢେଙ୍କାନାଳ ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ଯୁବକ ଓ ଯୁବତୀମାନଙ୍କୁ ଜଣାଇ ଦିଆଯାଉଛି କି ଉକ୍ତ ମେଳାରେ ଯୋଗଦେଇ ଏହାର ସୁଯୋଗ ହାସଲ କରନ୍ତୁ।

**ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ,**
**ଢେଙ୍କାନାଳ**

**ଜିଲ୍ଲାପାଳ, ଢେଙ୍କାନାଳ**

ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ :
ଫୋନ୍ : ୯୩୪୮୪୬୨୬୬୯, ୦୬୭୬୨-୨୯୧୦୬୦

Scan here to join
Job Fair 2024-25

ବି.ଦ୍ର. : ଏହା କୌଣସି ସରକାରୀ ଚାକିରୀ ପାଇଁ ଉଦ୍ଦିଷ୍ଟ ନୁହେଁ।